# Asian School of Business Management

**NEWSPAPER:** The Dharitri

**DATE:** Monday, January 15, 2018

**EDN./PAGE:** Page 11

ଧରିତ୍ରୀ
DHARITRI

# ଏଏସ୍‌ବିଏମ୍‌ରେ ଇମ୍‌କନ୍ ୨୦୧୮ ଉଦ୍‌ଯାପିତ




ଭୁବନେଶ୍ୱର,୧୪।୧

ଏସିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ୩ଦିନିଆ ଅନ୍ତର୍ଜାତୀୟ ପ୍ରବନ୍ଧନ ସମ୍ମିଳନୀ(ଇମ୍‌କନ୍-୨୦୧୮) ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ତମ ସଂଗଠନ ସୃଷ୍ଟି ଓ ବ୍ୟବସାୟକୁ ପୁନଃ ସଜ୍ଜାବଦ୍ଧ କରିବା ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। ଏଥି ସହିତ ଉନ୍ନତ ମାନବ ସମ୍ବଳ, ସ୍ମାର୍ଟ ଫାଇନାନ୍ସ, ସ୍ମାର୍ଟ ମାର୍କେଟିଂ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଉଦ୍‌ଘାଟନୀ ଅବସରରେ ବାଙ୍ଗାଲୋର ଉତ୍ତର ବିଶ୍ୱବିଦ୍ୟାଳୟର କୁଳପତି ଡ. ଟି.ଡି. କେମ୍ପାରାଜୁ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଆମକୁ ଶିଳ୍ପ ଆଧାରିତ ଅର୍ଥନୀତିରୁ ଦୂରେଇ ରହି ଜ୍ଞାନ ଆଧାରିତ ଅର୍ଥନୀତିକୁ ଆପଣାଇବାକୁ ପଡିବ। ଅନୁଷ୍ଠାନର ସଭାପତି ବିଶ୍ୱଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ କହିଥିଲେ ଏକ ସଂଗଠନକୁ ବଢ଼ିବା ଓ ବିକାଶ କରାଇବାରେ ସ୍ମାର୍ଟ ମ୍ୟାନେଜ୍‌ମେଣ୍ଟର ଯଥେଷ୍ଟ ଆବଶ୍ୟକତା ରହିଛି। ସେହିପରି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମେଟ୍ରୋପଲିଟାଣ୍ଟ ଷ୍ଟେଟ୍ ୟୁନିଭର୍ସିଟିର ସଭାପତି ଭର୍ଜିନିଆ ଆର୍ଥର କହିଥିଲେ ଉଭୟ ଏଏସ୍‌ବିଏମ୍ ଏବଂ ଏମ୍‌ଏସ୍‌ୟୁ ଉଦ୍ୟୋଗୀ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଛି। ତିନିଦିନ ବ୍ୟାପୀ ଚାଲିଥିବା ଏହି ସମ୍ମିଳନୀରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।